# ଅଭିଯୁକ୍ତଙ୍କୁ ଆଜୀବନ ଜେଲ, ପୀଡ଼ିତାଙ୍କୁ ୨୦ ଲକ୍ଷ ଦାବି

## ଅସହାୟ ଯୁବତୀଙ୍କୁ ବଳାତ୍କାର ମାମଲା

ଢେଙ୍କାନାଳ,୧୦।୯(ରତନ ନାୟାର)

ଢେଙ୍କାନାଳ ଜିଲା ସଦର ଥାନା ଭାପୁର ଫାଣ୍ଡି ଅଞ୍ଚଳରେ ଜଣେ ଅସହାୟ ଯୁବତୀଙ୍କୁ ଗଣବଳାତ୍କାର ପରେ ଗର୍ଭବତୀ କରାଇବା ଘଟଣାକୁ ନେଇ ପୀଡ଼ିତାଙ୍କୁ ତ୍ୱରିତ ନ୍ୟାୟ ଓ ଦୋଷୀମାନଙ୍କୁ କଠୋର ଦଣ୍ଡାଦେଶ ପ୍ରଦାନ ନିମନ୍ତେ ଜିଲା କଂଗ୍ରେସ ପକ୍ଷରୁ ମଙ୍ଗଳବାର ଉପ ମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ କଲ୍ୟାଣ ବିଭାଗ ମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଘଟଣା ଲୋକଲୋଚନକୁ ଆସିବା ପରେ ସ୍ଥାନୀୟ ପୋଲିସର ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାରେ ବିଳମ୍ବ ପ୍ରଶାସନିକ ନିଷ୍କ୍ରିୟତାକୁ ପଦାରେ ପକାଇଛି ବୋଲି ଦଳୀୟ ନେତୃବୃନ୍ଦ କହିଛନ୍ତି।

ଆବଶ୍ୟକ ବଳାତ୍କାର ଦଫା ଲଗାଇ ମାମଲା ରୁଜୁ କରିବା ସହିତ ଅଭିଯୁକ୍ତମାନଙ୍କୁ ତୁରନ୍ତ ଗିରଫ କରାଯାଇ ଫାଷ୍ଟଟ୍ରାକ୍ କୋର୍ଟରେ ବିଚାର ଆରମ୍ଭ କରାଯାଉ, ପୀଡ଼ିତାଙ୍କ ଅବିଳମ୍ବେ ଡାକ୍ତରୀ ମାଇନା କରାଯାଉ, ପୀଡ଼ିତା ଏବଂ ତାଙ୍କ ପିତାଙ୍କୁ ଉପଯୁକ୍ତ ସୁରକ୍ଷା ପ୍ରଦାନ ବ୍ୟବସ୍ଥା କରାଯାଉ, ପୀଡ଼ିତାଙ୍କର ସନ୍ତାନ ଜନ୍ମ ହେବା ପର୍ଯ୍ୟନ୍ତ ତାଙ୍କର ଉପଯୁକ୍ତ ଡାକ୍ତରୀ ତତ୍ତ୍ୱାବଧାନ ଓ ଚିକିତ୍ସାର ବନ୍ଦୋବସ୍ତ କରାଯାଉ, ସନ୍ତାନ ଜନ୍ମହେବା ପରେ ଡିଏନ୍ଏ ଟେଷ୍ଟ କରାଯାଇ କିଏ ତାର ବାପା ତାହା ନିରୁପଣ କରାଯାଉ, ପୀଡ଼ିତା ଓ ଭବିଷ୍ୟତ ସନ୍ତାନର ସାମାଜିକ ନିରାପତ୍ତା ନିମନ୍ତେ ସରକାରୀସ୍ତରରେ ପଦକ୍ଷେପ ନେବା ସହିତ ପୀଡ଼ିତାଙ୍କୁ ଏକ ଆବାସ ଗୃହ ଓ ୨୦ଲକ୍ଷ ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଉ, ସମସ୍ତ ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡ ଦିଆଯାଉ ବୋଲି କଂଗ୍ରେସ ଦାବି କରିଥିବା ଜିଲା ସଭାପତି ସୁନିଲ କୁମାର ଦାଶ ସୂଚନା ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ଜିଲା ସଭାପତି ସମରେନ୍ଦ୍ର ନନ୍ଦ, ଡା. ତୁଷାରକାନ୍ତି ନାୟକ, ବେଣୁଧର ସାହୁ, ସ୍ମିତାରାଣୀ ସାମଲ, ପ୍ରତାପ ମହାନ୍ତି, ମହମ୍ମଦ ଆର୍ଶାଦ, ସଂସାରବିନ୍ଦୁ ପଟ୍ଟନାୟକ, ଈଶ୍ୱରଚନ୍ଦ୍ର ପାଣି, ସରୋଜ କୁମାର ଶତପଥୀ ଓ ଏଲିନା ପ୍ରିୟଦର୍ଶିନୀ ପ୍ରମୁଖ ଦାବିପତ୍ର ପ୍ରଦାନ ସମୟରେ ଉପସ୍ଥିତ ଥିଲେ।



କଂଗ୍ରେସ ନେତୃବୃନ୍ଦ ଅତିରିକ୍ତ ଜିଲାପାଳଙ୍କୁ ଉପ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରୁଛନ୍ତି।

# ଦାୟିତ୍ୱହୀନ ପୋଲିସ ଅଧିକାରୀଙ୍କୁ ନିଲମ୍ବନ କରାଯାଉ

## ଏଏପି ପକ୍ଷରୁ ମୁଖ୍ୟମନ୍ତ୍ରୀ, ଡିଜିଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ

ଢେଙ୍କାନାଳ,୧୦।୯(ରତନ ନାୟାର)

ଢେଙ୍କାନାଳ ଜିଲା ସଦର ବ୍ଲକ ଭାପୁର ଫାଣ୍ଡି ଅଞ୍ଚଳରେ ଜଣେ ଅସହାୟ ଯୁବତୀଙ୍କୁ ଗଣ ବଳାତ୍କାର କରି ଗର୍ଭବତୀ କରିବା ଘଟଣା ଲଜ୍ଜାଜନକ ବୋଲି ମଙ୍ଗଳବାର ଏଏପି ଦଳ ପକ୍ଷରୁ କୁହାଯାଇଛି। ପୀଡ଼ିତାଙ୍କୁ ନ୍ୟାୟ ପ୍ରଦାନ କରିବା ସହ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଓ ଦାୟିତ୍ୱହୀନ ପୋଲିସ ଅଧିକାରୀଙ୍କୁ ତଦନ୍ତ କରି ନିଲମ୍ବନ କରିବା ନିମନ୍ତେ ଏଏପି ପକ୍ଷରୁ ଏକ ୧୩ ଦଫା ସମ୍ବଳିତ ଦାବିପତ୍ର ମୁଖ୍ୟମନ୍ତ୍ରୀ ଓ ରାଜ୍ୟ ପୋଲିସ ମହା ନିର୍ଦ୍ଦେଶକଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲାପାଳ ଓ ଅତିରିକ୍ତ ଏସ୍‌ପିଙ୍କୁ ପ୍ରଦାନ କରାଯାଇଛି। ପୀଡ଼ିତାଙ୍କୁ କ୍ଷତିପୂରଣ ବାବଦକୁ ୧୦ଲକ୍ଷ ପ୍ରଦାନ କରାଯାଉ, ପୀଡ଼ିତାଙ୍କ କହିବା ଅନୁଯାୟୀ, ଗିରଫ ଅଭିଯୁକ୍ତମାନଙ୍କ ପରିବାର ସଦସ୍ୟଙ୍କୁ ପୀଡ଼ିତା ଜଣାଇଥିଲେ ମଧ୍ୟ ସେମାନେ ଉପହାସ କରି ଏଡ଼ାଇ ଦେଇଥିବାରୁ ସେମାନଙ୍କ ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ, ମହିଳାମାନଙ୍କୁ ଆଇନଗତ ସହାୟତା ଯୋଗାଉଥିବା ସଂସ୍ଥା 'ସଖୀ' ଘଟଣା ସମ୍ପର୍କରେ ୫ଦିନ ପୂର୍ବରୁ ଜାଣିଥିଲେ ମଧ୍ୟ ଉଚିତ ପଦକ୍ଷେପ ନେଇ ନ ଥିବାରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ, ଦାୟିତ୍ୱହୀନ ପୋଲିସ ଅଧିକାରୀଙ୍କୁ ଚାକିରିରୁ ନିଲମ୍ବନ କରାଯାଉ ବୋଲି ଦାବି କରାଯାଇଛି। ପୀଡ଼ିତା ଓ ତାଙ୍କ ବାପା ଦୀର୍ଘବର୍ଷ ଧରି ପରିତ୍ୟକ୍ତ ଗୃହରେ ରହୁଥିବା ବେଳେ ପଞ୍ଚାୟତ ପ୍ରତିନିଧିମାନଙ୍କ ଦୃଷ୍ଟିରେ ନ ଆସିବା ଦୁର୍ଭାଗ୍ୟଜନକ ବୋଲି ଦଳ ପକ୍ଷରୁ କୁହଯାଇଛି। ଏହି ଦାବିଗୁଡିକ ଉପରେ ତଦନ୍ତ କରି ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦଳ ପକ୍ଷରୁ ଦାବି ହୋଇଛି। ଦାବି ପୂରଣ ନ ହେଲେ ଦଳ ପକ୍ଷରୁ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ଦଳର ରାଜ୍ୟ ସଂଗଠନ ସମ୍ପାଦକ ଭରତ କୁମାର ଦାସ, ଜିଲା ଆବାହକ ପଙ୍କଜ ନାୟକ କହିଛନ୍ତି। ଜିଲା ସାଧାରଣ ସମ୍ପାଦକ ବିଷ୍ଣୁ ପ୍ରସାଦ ପଣ୍ଡା, ଉପସଭାପତି ଜିତେନ୍ଦ୍ର ବେହେରା, ମହିଳା ସଭାନେତ୍ରୀ ନଳିନୀ ସାହୁ, ରଚିତା ନାୟକ, ଦେବାଶିଷ ନନ୍ଦ, ଉମାନନ୍ଦ ସାହୁ, ପୀତାମ୍ବର ସାମନ୍ତରାୟ ଓ ରବି ନାରାୟଣ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



ଦାବିପତ୍ର ପ୍ରଦାନ କରିବାକୁ ଯାଇଥିବା ଏଏପିର ସଦସ୍ୟାସଦସ୍ୟମାନେ।

# ଅଙ୍ଗଦାନ ସଚେତନତା କର୍ମଶାଳା




ଢେଙ୍କାନାଳ,୧୦।୯(ରତନ ନାୟାର)

ଢେଙ୍କାନାଳ ଇନର ହୁଇଲ କ୍ଲବ ଆନୁକୂଲ୍ୟରେ ସୋମବାର ଏକ ଅଙ୍ଗଦାନ ସଚେତନତା କର୍ମଶାଳା ଆୟୋଜନ କରାଯାଇଥିଲା। ରୋଟାରୀ କ୍ଲବ ପରିସରରେ ଆୟୋଜିତ ଏହି କର୍ମଶାଳାରେ ଷ୍ଟେଟ ଅର୍ଗାନ ଏଣ୍ଡ ଟିସୁ ଟ୍ରାନ୍ସପ୍ଲାଣ୍ଟେସନ ଅର୍ଗାନାଇଜେଶନ ଓଡ଼ିଶା ଶାଖାର ମୁଖ୍ୟ ତଥା ଯୁଗ୍ମ ନିର୍ଦ୍ଦେଶକ ଡାକ୍ତର ବିଭୂତି ଭୂଷଣ ନାୟକ, ପ୍ରୋଗ୍ରାମ ଆସିଷ୍ଟାଣ୍ଟ ରାମକୃଷ୍ଣ ପଣ୍ଡା ଏବଂ ସଂଯୋଜକ ସୁବ୍ରତ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ଡାକ୍ତର ବିଭୂତି ଭୂଷଣ ନାୟକ ଅଙ୍ଗଦାନର ମହତ୍ୱ ସମ୍ପର୍କରେ ବୁଝାଇବା ସହିତ ଏହାକୁ ନେଇ ବ୍ୟାପକ ଜନ ସଚେତନତା ସୃଷ୍ଟି କରିବାର ଆବଶ୍ୟକତା ରହିଛି ବୋଲି କହିଥିଲେ। ଅଙ୍ଗଦାନ ପ୍ରକ୍ରିୟା ଓ ପ୍ରତ୍ୟାରୋପଣ ସମ୍ପର୍କରେ ବିସ୍ତୃତ ଭାବରେ ବର୍ଣ୍ଣନା କରି ସେ କହିଥିଲେ ଯେ ମନୁଷ୍ୟ ମୃତ୍ୟୁ ପୂର୍ବରୁ କେବଳ ବୃକକ୍, ଯକୃତ ଓ ଚର୍ମ ଦାନ କରିପାରିଥାଏ। କିନ୍ତୁ ମୃତ୍ୟୁ ପରେ ଅନ୍ୟାନ୍ୟ ଅଙ୍ଗ ଯଥା ହୃତ୍‌ପିଣ୍ଡ, ଚକ୍ଷୁ, କ୍ଷୁଦ୍ରାନ୍ତ, ଫୁସ୍‌ଫୁସ୍, ହାଡ଼ ସମେତ ତନ୍ତୁ ମଧ୍ୟ ଦାନ କରିପାରିବ ଓ ମୃତ୍ୟୁ ପରେ ମନୁଷ୍ୟ ଅନ୍ୟ ୮ ଜଣଙ୍କ ଜୀବନ ରକ୍ଷା କରିପାରିବ। ତେଣୁ ସ୍ୱେଚ୍ଛାକୃତ ଭାବରେ ସମସ୍ତେ ଏହି ଅଙ୍ଗଦାନ ଅଭିଯାନରେ ସାମିଲ ହେବାକୁ ଆହ୍ୱାନ ଦେଇଥିଲେ। ୮ ବର୍ଷ ପୂର୍ବରୁ ଦିଲୀର ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଲିଭର୍ ଏଣ୍ଡ ବିଲିଆରୀ ସାଇନ୍ସେସ୍‌ରେ ନିଜର ଯକୃତ ପ୍ରତ୍ୟାରୋପଣ କରାଇଥିବା ଉଷା ଆଚାର୍ଯ୍ୟ ନିଜ ସଫଳତାର ଅନୁଭୂତି ବର୍ଣ୍ଣନା କରିଥିଲେ ଓ ଅଙ୍ଗଦାନ କ୍ଷେତ୍ରରେ ସମସ୍ତେ ମିଳିତ ଭାବରେ ପ୍ରୟାସ କରିବାର ଆବଶ୍ୟକତା ରହିଛି ବୋଲି କହିଥିଲେ। ରୋଟାରୀ କ୍ଲବ୍ ସଭାପତି ପ୍ରଫେସର ହରେକୃଷ୍ଣ କର ମଧ୍ୟ ଅଙ୍ଗଦାନର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଇନର ହୁଇଲ କ୍ଲବ୍‌ର ସଦସ୍ୟାମାନଙ୍କ ସମେତ ରୋଟାରି କ୍ଲବ, ଚାମ୍ବର ଅଫ କମର୍ସ, ରୋଟାରାକ୍ଟ କ୍ଲବର ସଦସ୍ୟମାନେ ଯୋଗଦେଇଥିଲେ।

# ଟ୍ରାଙ୍କୁଲାଇଜର ବାଜି ଫରେଷ୍ଟର ଗୁରୁତର

## ଭାଲୁକୁ ଟ୍ରାଙ୍କୁଲାଇଜର କରୁଥିଲେ

ଢେଙ୍କାନାଳ/କାମାକ୍ଷାନଗର, ୧୦।୯(ରତନ ନାୟାର/ସୁଧୀର ପରିଡ଼ା)

ଢେଙ୍କାନାଳ ଜିଲା କାମାକ୍ଷାନଗର ପୂର୍ବାଞ୍ଚଳ ରେଞ୍ଜ୍ କଙ୍କଡ଼ାହାଡ଼ ସେକ୍ସନ କେରଜୋଳିଠାରେ ଉପଦ୍ରବ କରୁଥିବା ଏକ ଭାଲୁକୁ ମଙ୍ଗଳବାର ଅପରାହ୍ନରେ ଟ୍ରାଙ୍କୁଲାଇଜର କରାଯାଉଥିବା ବେଳେ ଟ୍ରାଙ୍କୁଲାଇଜର ଇଞ୍ଜେକ୍ସନ ବାଜି ବିରାଶାଳ ଫରେଷ୍ଟର ଦୀପକ ସାହୁ (୪୨) ଗୁରୁତର ହୋଇଛନ୍ତି। ତାଙ୍କୁ ପ୍ରଥମେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ପରେ କଟକ ସ୍ଥାନାନ୍ତର କରାଯାଇଛି। ସ୍ଥାନୀୟ ବନବିଭାଗ କର୍ମଚାରୀଙ୍କ ସହଯୋଗରେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। କେରଜୋଳି ଗ୍ରାମରେ ଉପଦ୍ରବ କରୁଥବା ଭାଲୁ ଲୋକଙ୍କୁ ଆକ୍ରମଣ କରିବା ପାଇଁ ଗୋଡ଼ାଉଥିବାରୁ ଭାଲୁକୁ ନେଇ ଉକ୍ତ ଅଞ୍ଚଳରେ ଆତଙ୍କ ସୃଷ୍ଟି ହୋଇଥିଲା। ତେଣୁ ଭାଲୁର ଗତିବିଧିକୁ ନିରୀକ୍ଷଣ କରି ଭାଲୁକୁ ଟ୍ରାଙ୍କୁଲାଇଜର କରିବା ପାଇଁ ନିଷ୍ପତ୍ତି ହୋଇଥିଲା। ବନବିଭାଗର ଜଣେ କର୍ମଚାରୀ ଭାଲୁକୁ ଟ୍ରାଙ୍କୁଲାଇଜର କରୁଥିବା ବେଳେ ସେଠାରେ ଉପସ୍ଥିତ ଫରେଷ୍ଟର ଦୀପକ ସାହୁଙ୍କ ଦେହରେ ବାଜିଥିଲା। ଅତିରିକ୍ତ ଜିଲା ମୁଖ୍ୟ ଚିକିତ୍ସାଧିକାରୀ (ମେଡିକାଲ) ଡା. ସଂଗ୍ରାମ କେଶରୀ ଭୋଳ କହିଛନ୍ତି, ପରଜଙ୍ଗ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରୁ ଜଣେ ଫରେଷ୍ଟର ଗୁରୁତର ଆହତ ହୋଇ ଆସିଥିଲେ। ତାଙ୍କର ଚିକିତ୍ସା କରାଯାଇଛି। ଏଠାରେ ଆଇସିୟୁ ନାହିଁ। ତାଙ୍କଠାରେ ଯେଉଁ ଇଞ୍ଜେକ୍ସନ ଲାଗିଛି, ସେଥିରେ କ'ଣ ଔଷଧ ଲାଗିଛି, ତାହା ଜାଣିବା ପାଇଁ ଏବଂ ଅଧିକ ଚିକିତ୍ସା ପାଇଁ ତାଙ୍କୁ କଟକ ସ୍ଥାନାନ୍ତରିତ କରାଯାଇଛି।



ଗୁରୁତର ଫରେଷ୍ଟର ଦୀପକ ସାହୁ

# ମହାପଦା ଗଣେଶ ପୂଜା କମିଟି ପକ୍ଷରୁ ରୌପ୍ୟ ଜୟନ୍ତୀ



ରୌପ୍ୟ ଜୟନ୍ତୀ ଉତ୍ସବରେ ଯୋଗଦେଇଥିବା ପୂଜା କମିଟି ସଦସ୍ୟବୃନ୍ଦ।

ଢେଙ୍କାନାଳ,୧୦।୯(ରତନ ନାୟାର)

ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ ମହାପଦା ଗ୍ରାମ ଗଣେଶ ପୂଜା କମିଟି ପକ୍ଷରୁ ରୌପ୍ୟ ଜୟନ୍ତୀ ଉତ୍ସବ ୬ରୁ ୯ ତାରିଖ ପର୍ଯ୍ୟନ୍ତ ୪ଦିନ ବ୍ୟାପୀ ଅନୁଷ୍ଠିତ ହୋଇଯାଇଛି। ୬ ତାରିଖରେ କଳସ ଯାତ୍ରା ସହିତ ଗାୟିକା ଉର୍ମିଳା ସାହୁ ଓ ସାଥିଙ୍କ ଦ୍ୱାରା ପାଲା ପରିବେଷଣ ହୋଇଥିଲା। ୭ ତାରିଖରେ ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମରେ କଣ୍ଠଶିଳ୍ପୀ ମାନସୀ ପାତ୍ର ଭଜନ ପରିବେଷଣ କରି ଶ୍ରୋତାଙ୍କ ମନ ମୁଗ୍ଧ କରିଥିଲେ। ୮ତାରିଖରେ ନଡିଆଳି ଗ୍ରାମ ଭଜନ ଟିମ୍ ପକ୍ଷରୁ ଭଜନ ପରିବେଷଣ ହୋଇଥିଲା। ୯ ତାରିଖ ସୋମବାର ଆୟୋଜିତ କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷୟିତ୍ରୀ ଜ୍ୟୋତିର୍ମୟୀ ନାଥଙ୍କ ସମେତ ବିଭିନ୍ନ ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହିତ ପୂଜା ପାଉଥିବା ଗଣେଶଙ୍କୁ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରାଯାଇ ବିସର୍ଜନ କରାଯାଇଥିଲା।

# ବ୍ଲକସ୍ତରୀୟ କୃତ୍ରିମ ବୁଦ୍ଧିମତ୍ତା ଉପରେ ଆଲୋଚନାଚକ୍ର



ଭୁବନ,୧୦।୯ (ବିପିନ ବିହାରୀ ସେଠୀ)

ଢେଙ୍କାନାଳ ଜିଲା ନୂଆ ଭୁବନ ନୋଡାଲ ଉଚ୍ଚ ବିଦ୍ୟାଳୟ ପରିସରରେ ମଙ୍ଗଳବାର ବ୍ଲକସ୍ତରୀୟ କୃତ୍ରିମ ବୁଦ୍ଧିମତ୍ତା ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଛାତ୍ରୀଛାତ୍ରମାନେ କିପରି କମ୍ପ୍ୟୁଟର ଜରିଆରେ ଆଗାମୀ ସମୟରେ ଦେଶ ପାଇଁ ଆସୁଥିବା ସମସ୍ୟାକୁ ଜାଣିପାରି ସମାଧାନର ବାଟ ତିଆରି କରିପାରିବେ ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଛାତ୍ରୀଛାତ୍ରମାନେ ଭିଡ଼ିଓ ଚିତ୍ର ସହିତ ମୌଖିକ ବିଷୟବସ୍ତୁ ଓ କଥା ମାଧ୍ୟମରେ ଗବେଷଣା ସମ୍ପର୍କରେ ଆଲୋଚନା କରିଥିଲେ। ଭୁବନ ବ୍ଲକ ମଧ୍ୟରେ ଥିବା ସମସ୍ତ ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ର ଭାଗନେଇଥିଲେ। ପ୍ରତିଯୋଗୀମାନଙ୍କ ମଧ୍ୟରେ ଶ୍ରେଷ୍ଠ ପ୍ରତିଯୋଗୀ ୩ ଜଣ ଚୟନ କରାଯାଇଥିଲା। ସେମାନେ ଜିଲାସ୍ତରୀୟ ପ୍ରତିଯୋଗିତା ପାଇଁ ମନୋନୀତ ହୋଇଥିଲେ। ଏହି ଆଲୋଚନାଚକ୍ରରେ ଭୁବନ ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ଅଦ୍ୱୈତ୍ୟ କୁମାର ସାମଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ପ୍ରତିଯୋଗିତାରେ ଭାଗନେଇଥିବା ଛାତ୍ରୀଛାତ୍ରମାନଙ୍କ ମଧ୍ୟରୁ ବାଲିବୋ ସରକାରୀ ଉଚ୍ଚବିଦ୍ୟାଳୟର ୧୦ମ ଶ୍ରେଣୀ ଛାତ୍ରୀ ସାଇଶ୍ରୀ ନାୟକ ପ୍ରଥମ, ଜାତୀୟ ବିଦ୍ୟାନିକେତନ ଉଚ୍ଚବିଦ୍ୟାଳୟର ୧୦ମ ଶ୍ରେଣୀ ଛାତ୍ର ନୈତିକ ପଣ୍ଡା ୨ୟ ଓ ନୂଆ ଭୁବନ ନୋଡାଲ ସରକାରୀ ଉଚ୍ଚ ବିଦ୍ୟାଳୟର ୯ମ ଶ୍ରେଣୀ ଛାତ୍ରୀ ତରନ୍ନୁମ ସାହିନ ତୃତୀୟ ସ୍ଥାନ ଅଧିକାର କରି ଜିଲାସ୍ତରକୁ ମନୋନୀତ ହୋଇଥିଲେ। କାମାକ୍ଷାନଗର ବାଇସିଙ୍ଗା ଗ୍ରାମପଞ୍ଚାୟତ ଉଚ୍ଚବିଦ୍ୟାଳୟର ପ୍ରଧାନ ଶିକ୍ଷକ ଓ ପରଜଙ୍ଗ ବ୍ଲକ କୁମୁସି ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବାବୁରଞ୍ଜନ ସାହୁ ବିଚାରକ ଭାବେ ଯୋଗଦେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ବିଚାରକ ଓ ନୂଆ ଭୁବନ ନୋଡାଲ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଖଗେଶ୍ୱର ବେହେରା ଓ ପରିଚାଳନା କମିଟିର ସଭାପତି ବିପିନ ବିହାରୀ ସେଠୀ ଅତିଥି ଭାବେ ଯୋଗଦେଇ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ।

# ମିଳିତ ଜନ ଅଭିଯୋଗ ଶୁଣାଣି: ୨୫ ଅଭିଯୋଗର ସମାଧାନ




ବିଭାଗୀୟ ଅଧିକାରୀମାନେ ଅଭିଯୋଗ ଶୁଣୁଛନ୍ତି।

ଢେଙ୍କାନାଳ,୧୦।୯(ରତନ ନାୟାର): ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ କାର୍ଯ୍ୟାଳୟ ପରିସରରେ ଜିଲା ପ୍ରଶାସନ ପକ୍ଷରୁ ମଙ୍ଗଳବାର ମିଳିତ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଶିବିରରେ ୧୩୩ଟି ଅଭିଯୋଗପତ୍ର ଗ୍ରହଣ କରାଯାଇଥିଲା। ତନ୍ମଧ୍ୟରୁ ୨୫ଟିର ସମାଧାନ କରାଯାଇଛି। ସେହିପରି ମୁଖ୍ୟମନ୍ତ୍ରୀ ସହାୟତା ପାଣ୍ଠି ପାଇଁ ୪ଟି ଓ ରେଡକ୍ରସ ସହାୟତା ପାଣ୍ଠି ପାଇଁ ଗୋଟିଏ ଆବେଦନପତ୍ର ଗ୍ରହଣ କରାଯାଇଥିଲା। ଏଥିନିମନ୍ତେ ୪୫ହଜାର ଟଙ୍କା ସହାୟତା ପ୍ରଦାନ କରାଯାଇଛି। ଜିଲାପାଳ ସୋମେଶ କୁମାର ଉପାଧ୍ୟାୟ ଅଭିଯୋଗ ଗୁଡିକର ଶୁଣାଣି କରିଥିଲେ। ଏସ୍‌ପି ମଡକର ସନ୍ଦିତ ସମ୍ପଦ, ଜିଲା ବନଖଣ୍ଡ ଅଧିକାରୀ ସୁମିତ କୁମାର କର, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଦିଲୀପ କୁମାର ବିଶ୍ୱାଳ, ଗଁଦିଆ ବ୍ଲକ ଅଧକ୍ଷା ରୀନାରାଣି ଖଟୁଆ ପ୍ରମୁଖ ଶିବିରରେ ଉପସ୍ଥିତ ଥିଲେ।

# ଖେଳନା ପ୍ରସ୍ତୁତି ତାଲିମ



ଢେଙ୍କାନାଳ,୧୦।୯(ରତନ ନାୟାର)

ଢେଙ୍କାନାଳ ସହରସ୍ଥିତ ଏଲ୍ଆଇସି ଲେନ୍ ରଥଗଡ଼ାଠାରେ ଥିବା ୟୁକୋ ବ୍ୟାଙ୍କ ଦ୍ୱାରା ପରିଚାଳିତ ୟୁକୋ ଆତ୍ମ ନିଯୁକ୍ତି ତାଲିମ ପ୍ରତିଷ୍ଠାନ ପରିସରରେ ୧୩ ଦିନିଆ ଖେଳନା ପ୍ରସ୍ତୁତି ତାଲିମ କାର୍ଯ୍ୟକ୍ରମ ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଜିଲା ଅଗ୍ରଣୀ ବ୍ୟାଙ୍କ ମ୍ୟାନେଜର ଦେବାଶିଷ କୁଣ୍ଡୁ, ଜିଲା ଶିଳ୍ପକେନ୍ଦ୍ର ସରକାରୀ ସାଧାରଣ ପରିଚାଳକ ପ୍ରେମାନନ୍ଦ ନାଥ ଓ ପ୍ରତିଷ୍ଠାନର ନିର୍ଦ୍ଦେଶିକା ଶିବାନୀ ପ୍ରିୟଦର୍ଶିନୀ ପ୍ରମୁଖ ପ୍ରଦୀପ ପ୍ରଜ୍ୱଳନ କରି ଉଦଘାଟନ କରିଥିଲେ। ଏହି ତାଲିମ କାର୍ଯ୍ୟକ୍ରମରେ ବିଭିନ୍ନ ବ୍ଲକରୁ ୩୫ଜଣ ମହିଳା ଯୋଗଦେଇ ପ୍ରଶିକ୍ଷଣ ନେଉଛନ୍ତି। ବିଭିନ୍ନ ଖେଳନା ପ୍ରସ୍ତୁତ କରି କିପରି ରୋଜଗାରକ୍ଷମ ହୋଇପାରିବେ ଏବଂ ବ୍ୟାଙ୍କ ମାଧ୍ୟମରେ ଋଣ ନେଇ ଆତ୍ମନିର୍ଭରଶୀଳ ହୋଇପାରିବେ ସେ ସମ୍ପର୍କରେ ଅତିଥିମାନେ ପରାମର୍ଶ ପ୍ରଦାନ କରିଥିଲେ। ପ୍ରଶିକ୍ଷଣ ଚିନ୍ମୟ କୁମାର ଜେନା ଅତିଥି ପରିଚୟ ଓ ଧନ୍ୟବାଦ ପ୍ରଦାନ କରିଥିଲେ। ଅନୁଷ୍ଠାନର କାଦମ୍ବରୀ ମହାକୁଡ, ସ୍ନେହସ୍ମିତା ସାହୁ, ପ୍ରଣବ ରଞ୍ଜନ ମିଶ୍ର ଓ ସତ୍ୟମ ଶୁଭମ ଦାସ ପ୍ରମୁଖ ପରିଚାଳନା କରିଥିଲେ।

# ଜାତୀୟ ପୁରସ୍କାରପ୍ରାପ୍ତ ଶିକ୍ଷକ ଫୋରମର ବୈଠକ

ଢେଙ୍କାନାଳ,୧୦।୯(ରତନ ନାୟାର)

ଓଡ଼ିଶା ଜାତୀୟ ପୁରସ୍କାରପ୍ରାପ୍ତ ଶିକ୍ଷକ ଫୋରମର ସମ୍ପାଦନା ମଣ୍ଡଳୀ ବୈଠକ ସଭାପତି ପ୍ରକୃତିବନ୍ଧୁ ହରିହର ସାହୁଙ୍କ ଅଧ୍ୟକ୍ଷତାରେ ସୋମବାର ଆଭାସୀ ମାଧ୍ୟମରେ ଅନୁଷ୍ଠିତ ହୋଇଯାଇଛି। ଜାତୀୟ ପୁରସ୍କାରପ୍ରାପ୍ତ ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କର ଜୀବନାବଳୀକୁ ନେଇ ପ୍ରସ୍ତୁତ ପୁସ୍ତକ 'ସାଧନାରୁ ସିଦ୍ଧି' ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଥିବାରୁ ଏହାକୁ ଉନ୍ମୋଚନ କରିବା ପାଇଁ ନିଷ୍ପତ୍ତି ହୋଇଥିଲା। ବୈଠକରେ ଉପସଭାପତି କୃଷିଦା ବେଗମ, ଦୁଃଖବନ୍ଧୁ ସାହୁ, ସାଧାରଣ ସମ୍ପାଦକ ଇଶ୍ୱର ଚନ୍ଦ୍ର ନାୟକ, ସମ୍ପାଦନା ମଣ୍ଡଳୀ ସଦସ୍ୟ ଡ. ପ୍ରଦୀପ କୁମାର ମିଶ୍ର, ସୁବାସଚନ୍ଦ୍ର ରାଉତ, ପବିତ୍ର ମୋହନ ଦାସ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରି ମତାମତ ପ୍ରଦାନ କରିଥିଲେ। ସାଧାରଣ ସମ୍ପାଦକ ଇଶ୍ୱରଚନ୍ଦ୍ର ନାୟକ ଧନ୍ୟବାଦ ପ୍ରଦାନ କରିଥିଲେ।

# ସହରକୁ ପଲିଥିନମୁକ୍ତ କରିବା ପ୍ରାଥମିକତା ହେବ

## ସ୍ୱଚ୍ଛତା ହିଁ ସେବା ଅଭିଯାନ ୧୭ରୁ ଆରମ୍ଭ

ଢେଙ୍କାନାଳ,୧୦।୯(ରତନ ନାୟାର)

ଢେଙ୍କାନାଳ ପୌରସଂସ୍ଥା ପକ୍ଷରୁ 'ସ୍ୱଚ୍ଛତା ହିଁ ସେବା ଅଭିଯାନ' ଆସନ୍ତା ୧୭ ତାରିଖରୁ ଅକ୍ଟୋବର ୧ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ୨ ତାରିଖରେ ସ୍ୱଚ୍ଛତା ଦିବସ ପାଳିତ ହେବ। ଏହି ଉପଲକ୍ଷେ ମଙ୍ଗଳବାର ପୌରସଂସ୍ଥା ସମ୍ମିଳନୀ କକ୍ଷରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରସ୍ତୁତି ବୈଠକରେ ଅଧ୍ୟକ୍ଷତା କରି ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ର ଢେଙ୍କାନାଳ ସହରକୁ ସ୍ୱଚ୍ଛ ରଖି ଏକ ଆଦର୍ଶ ସହରରେ ପରିଣତ କରିବା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଏହି ଅଭିଯାନ ଉପଲକ୍ଷେ ପୌରସଂସ୍ଥାର ସମସ୍ତ ୨୩ଟି ୱାର୍ଡରେ ସ୍ଥାନୀୟ କାଉନସିଲରମାନଙ୍କ ସମେତ ସ୍ୱଚ୍ଛତା ଅଭିଯାନର ସଦସ୍ୟମାନଙ୍କ ନେଇ ଏକ ୱାର୍ଡ କମିଟି ଗଠନ କରାଯିବ। ପ୍ରତି ୱାର୍ଡରେ ସ୍ୱଚ୍ଛତା ହିଁ ସେବା ଅଭିଯାନକୁ ନେଇ ଲୋକମାନଙ୍କୁ ସଚେତନ କରାଯିବ। ଯେଉଁ ୱାର୍ଡଗୁଡ଼ିକ ସମ୍ପୂର୍ଣ୍ଣ ସ୍ୱଚ୍ଛ ରହିବ, ସେହି ୱାର୍ଡଗୁଡ଼ିକର ମୂଲ୍ୟାଙ୍କନ କରାଯାଇ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ପୁରସ୍କାର ପ୍ରଦାନ କରାଯିବା ପାଇଁ ଆଲୋଚନା ହୋଇଛି। ସେହିପରି ସହରକୁ ପ୍ଲାଷ୍ଟିକ ଓ ପଲିଥିନମୁକ୍ତ କରିବା ପାଇଁ ଅଭିଯାନରେ ପ୍ରାଥମିକତା ଦିଆଯିବ। ସେହିପରି ବିଭିନ୍ନ ରାସ୍ତା କଡ଼ରେ ଥିବା ଫାଷ୍ଟଫୁଡ ସେଣ୍ଟର, ଜୁସ୍ ଦୋକାନ, ଫଳ ଓ ପନିପରିବା ଦୋକାନରେ ଅଳିଆ ଆବର୍ଜନା ଓ ପଚାସଢ଼ା ସାମଗ୍ରୀକୁ କିଭଳି ତୁରନ୍ତ ଡମ୍ପ କରାଯିବ ସେଥିପାଇଁ ଆଲୋଚନା ହୋଇଥିଲା। ସହରବାସୀ ନିଜଆଡୁ ସହରକୁ କିଭଳି ସ୍ୱଚ୍ଛ ରଖିବା ପାଇଁ ଆଗେଇ ଆସିବେ, ସେଥିପାଇଁ ସମସ୍ତଙ୍କୁ ସଚେତନ କରାଇବା ଉପରେ ସଦସ୍ୟ ତଥା ଶିଳ୍ପ ବାଣିଜ୍ୟ ପ୍ରତିଷ୍ଠାନ ସଭାପତି ରାଜେନ୍ଦ୍ର ଦାସ ଗୁରୁତ୍ୱ ପ୍ରଦାନ କରିଥିଲେ। ଅନ୍ୟତମ ସଦସ୍ୟ ରାଜକିଶୋର ବେହେରା, ସ୍କୁଲ ଓ କଲେଜ ପିଲାଙ୍କୁ ଏଥିରେ ସାମିଲ କରିବା ସହ ନିୟମିତ ଭାବରେ ସହରର ସ୍ୱଚ୍ଛତା ସମ୍ପର୍କରେ ସମୀକ୍ଷା ବୈଠକ ଆୟୋଜନ କରିବା ଏବଂ ଏହି ଅଭିଯାନରେ ବଜାର କମିଟିକୁ ମଧ୍ୟ ସାମିଲ କରିବା ଉପରେ ଆଲୋଚନା ରଖିଥିଲେ। ସେହିପରି ସଚେତନତା ପାଇଁ ରାହାଗିରି, ପଥପ୍ରାନ୍ତ ନାଟକ, କାନ୍ଥରେ ସଚେତନତା ବାର୍ତ୍ତା ଆଦି କରିବା ଉପରେ ଆଲୋଚନା ହୋଇଥିଲା। ପୌର ଉପାଧ୍ୟକ୍ଷ ପ୍ରକାଶଚନ୍ଦ୍ର କୁଅଁର ବୈଠକରେ ଯୋଗଦେଇ ସମସ୍ତଙ୍କର ସହଯୋଗ ଓ ସହଭାଗିତା ରହିଲେ ଏହି ଅଭିଯାନ ସଫଳ ହେବ ବୋଲି କହିଥିଲେ। ପୌର ନିର୍ବାହୀ ଅଧିକାରୀ ସୁକାନ୍ତ ବେଉରା କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ପୌରଯନ୍ତ୍ରୀ ରଶ୍ମିତା ମିଶ୍ର ଅଭିଯାନର ରୂପରେଖ ସମ୍ପର୍କରେ ପାୱାର ପଏଣ୍ଟ ପ୍ରେଜେଣ୍ଟେଶନ କରିବା ସହିତ ଧନ୍ୟବାଦ ପ୍ରଦାନ କରିଥିଲେ। ଏହି ବୈଠକରେ ରୋଟାରି କ୍ଲବ ସଭାପତି ବିଶିଷ୍ଟ ଶିକ୍ଷାବିତ ଡ. ହରେକୃଷ୍ଣ କର, ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ବିଶ୍ୱନାଥ ବେହେରା, ଆଇନଜୀବୀ ମାତୃ ପ୍ରସାଦ ନନ୍ଦ, ରେଡକ୍ରସ ଉପସଭାପତି ବିରଞ୍ଚି ନାରାୟଣ ପାଣି ପ୍ରମୁଖ ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ।



ବୈଠକରେ ବିଭାଗୀୟ ଅଧିକାରୀମାନେ ଆଲୋଚନା କରୁଛନ୍ତି।

# ଜନଶୁଣାଣିରେ ୫ ଅଭିଯୋଗର ଫଇସଲା

ଅନୁଗୋଳ,୧୦।୯(ମାନସ ବିଶ୍ୱାଳ) / ବଆଁରପାଳ (ସୁବାସ ସାହୁ)

ଅନୁଗୋଳ ଜିଲା ବଆଁରପାଳ ବ୍ଲକ କାର୍ଯ୍ୟାଳୟଠାରେ ଜିଲାସ୍ତରୀୟ ମିଳିତ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ମହମ୍ମଦ ଅବଦଲ ଅଖତାର ଅଧ୍ୟକ୍ଷତା କରିଥିଲେ। ଶିବିରରେ ମୋଟ ୧୨୭ଟି ଅଭିଯୋଗ ଗ୍ରହଣ କରାଯାଇଥିଲା। ସେଥିମଧ୍ୟରୁ ୫ଟି ଅଭିଯୋଗର ତୁରନ୍ତ ଫଇସଲା କରାଯାଇଥିଲା। ରେଡକ୍ରସ ପାଣ୍ଠିରୁ ୨ ଜଣଙ୍କୁ ୧୫ ହଜାର ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଇଥିଲା। ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ମହାପାତ୍ର, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା.ଶିବାନନ୍ଦ ମହାନ୍ତି, ଅନୁଗୋଳ ଉପଜିଲାପାଳ ବରଣ୍ୟେନ୍ଦୁ ମହାନ୍ତି, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଅନିଲ କୁମାର ବେଉରିଆ, ଜିଲା ପରିଷଦର ଅତିରିକ୍ତ ଉନ୍ନୟନ ଅଧିକାରୀ ପଦ୍ମନାଭ ସାମନ୍ତରାୟ, ଜିଲା ଶିକ୍ଷା ଅଧିକାରୀ ସୁସ୍ମିତା ସାହୁ, ଡେପୁଟି କଲେକ୍ଟର ଜୟକୃଷ୍ଣ ପାତ୍ର ଓ ଶୁଭେନ୍ଦୁ ଜେନା, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ନାରାୟଣ ମହାପାତ୍ର, ଉପ ନିର୍ଦ୍ଦେଶକ ଉଦ୍ୟାନ ଅମ୍ବର ଲୁଗୁନ, ଜିଲା ଯୋଗାଣ ଅଧିକାରୀ ସ୍ମିତା ନାୟକ, ଜିଲା ମଙ୍ଗଳ ଅଧିକାରୀ ଦିଲୀପ କୁମାର ମିଶ୍ର, ଜିଲା ସମାଜ ମଙ୍ଗଳ ଅଧିକାରୀ ନିରୁପମା ପାଣି, ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ନିରୋଦ ଦାସ, ବଆଁରପାଳ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଲୋଚନ ଦାସ, ବଆଁରପାଳ ତହସିଲଦାର ରବିନାରାୟଣ ଆଚାର୍ଯ୍ୟଙ୍କ ସମେତ ଜିଲାସ୍ତରୀୟ ଓ ବ୍ଲକସ୍ତରୀୟ ଅଧିକାରୀମାନେ ଯୋଗ ଦେଇଥିଲେ। ସେହିପରି ଅନୁଗୋଳ ଜିଲା କାର୍ଯ୍ୟାଳୟଠାରେ ଅତିରିକ୍ତ ଜିଲାପାଳ ପ୍ରତାପ ପ୍ରୀତିମୟଙ୍କ ଅଧ୍ୟକ୍ଷତାରେ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସମୁଦାୟ ୧୨ଟି ଅଭିଯୋଗ ଗ୍ରହଣ କରାଯାଇଥିଲା। ଏହି ଶିବିରରେ ବିଭିନ୍ନ ବିଭାଗର ଜିଲାସ୍ତରୀୟ ଅଧିକାରୀ ଯୋଗ ଦେଇଥିଲେ।



ବଆଁରପାଳ ବ୍ଲକ କାର୍ଯ୍ୟାଳୟଠାରେ ଜିଲାପାଳ ଓ ଅନ୍ୟ ଅଧିକାରୀ ଅଭିଯୋଗର ଶୁଣାଣି କରୁଛନ୍ତି।

# ପିତାବଳୀ ଠାକୁରାଣୀଙ୍କ ବାର୍ଷିକ ପୂଜା



ବଆଁରପାଳ,୧୦।୯ (ସୁବାସ ସାହୁ)

ବଆଁରପାଳ ବ୍ଲକ କାଣ୍ଡସର ଗ୍ରାମରେ ପିତାବଳୀ ଠାକୁରାଣୀଙ୍କ ବାର୍ଷିକ ଉତ୍ସବ ମହା ଆଡ଼ମ୍ବରରେ ପାଳିତ ହୋଇଯାଇଛି। ଗ୍ରାମର ଆରାଧ୍ୟ ଦେବୀ ପିତାବଳୀ ଓ ଖମ୍ବେଶ୍ୱରୀ ଠାକୁରାଣୀଙ୍କ ପୀଠରେ ଏହି ବାର୍ଷିକ ପୂଜା ଉତ୍ସବ ପାଳନ ହୋଇଥିଲା। ଗ୍ରାମର ରଗୁଡ଼ି ସାହି ଏବଂ ଗଡଡ଼ ସାହିର ଦିଆଁ ଘରଠାରୁ ଠାକୁରାଣୀଙ୍କ ଆଲମକୁ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରାଯାଇ ୫୫ନଂ. ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ପିତାବଳୀ ଠାକୁରାଣୀ ପୀଠକୁ ନିଆଯାଇଥିଲା। ସେଠାରୁ ଗ୍ରାମର କପିଳେଶ୍ୱର ମନ୍ଦିର ନିକଟସ୍ଥ ଖମ୍ବେଶ୍ୱରୀ ପୀଠକୁ ନିଆଯାଇଥିଲା। ପିତାବଳୀ ପିଢ଼ରେ ମାଜଣା ପର୍ବ ପରେ ପୂଜକ ଭାଇଗ ମହାଲିକ ମୁଖ୍ୟ ପୂଜା କରିଥିଲେ। ମାନସିକଧାରୀ ଶ୍ରଦ୍ଧାଳୁ ମହିଳାମାନେ ଅଧିଆ ପଡିଥିଲେ। ବହୁ ଶିଶୁଙ୍କ ମୁଣ୍ଡନ କରାଯାଇଥିଲା। ଗ୍ରାମବାସୀଙ୍କ ସମେତ ବହୁ ସଂଖ୍ୟାରେ ଲୋକ ମା'ଙ୍କ ଦର୍ଶନ କରିଥିଲେ। ଗ୍ରାମବାସୀଙ୍କ ସହଯୋଗରେ ଶୃଙ୍ଖଳାର ସହ ପୂଜା ଉତ୍ସବ ଅନୁଷ୍ଠିତ ହେଉଥିଲା। ଭକ୍ତଙ୍କ ପାଇଁ ପ୍ରସାଦସେବନ ବ୍ୟବସ୍ଥା ହୋଇଥିଲା। କାଣ୍ଡସର ଗ୍ରାମ କମିଟି ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଇଥିଲା।

# ପୂଜାମଣ୍ଡପରୁ ଗଣପତିଙ୍କୁ ବିଦାୟ

କଣିହାଁ, ୧୦।୯ (ସଚ୍ଚିଦାନନ୍ଦ ପ୍ରଧାନ)

ତାଳଚେରର ଗଣପର୍ବ ଗଣେଶ ପୂଜାକୁ ନେଇ କଣିହା ବ୍ଲକର ଶତାଧିକ ଗ୍ରାମ ଉତ୍ସବମୁଖର ହୋଇଉଠିଛି। ଅନେକ ଗ୍ରାମର ଏକାଧିକ ମଣ୍ଡପରେ ବିଭିନ୍ନ ପୂଜା କମିଟି ତରଫରୁ ବିଘ୍ନନାଶନଙ୍କ ପୂଜା ପାଳନ ହେଉଥିବା ବେଳେ କେତୋଟି କମିଟି ତରଫରୁ ପୂଜା ମଣ୍ଡପରୁ ଗଣପତିଙ୍କୁ ବିଦାୟ ଦିଆଯାଇଛି। ସୋମବାର ଠାରୁ ଏହି ଭସାଣି ଉତ୍ସବ ଆରମ୍ଭ ହୋଇଛି। କଣିହାଁ, ବାଲିପଟା ସହିତ ଅନେକ ଗ୍ରାମରେ ଭସାଣି ଉତ୍ସବ ମହାସମାରୋହରେ କରାଯାଇଥିଲା। ସେହିପରି ମଙ୍ଗଳବାର ବଡ଼ହୀରା ଗ୍ରାମରେ ଭସାଣି ଉତ୍ସବ ଅନୁଷ୍ଠିତ ହୋଇଥିଲା। ଠାକୁରଙ୍କୁ ଗ୍ରାମ ପରିକ୍ରମା କରାଯାଇ ବିଦାୟ ଦିଆଯାଇଥିଲା। ପୂଜା କମିଟିର ସଦସ୍ୟମାନେ ଉପସ୍ଥିତ ରହି ଶାନ୍ତିଶୃଙ୍ଖଳାର ସହ ଦାୟିତ୍ୱ ନିର୍ବାହ କରିଥିଲେ।



## ଯୁବକଙ୍କୁ ଆକ୍ରମଣ ଅଭିଯୋଗ

ବଇଣ୍ଡା, ୧୦।୯ (ପରିକ୍ଷିତ ସାହୁ)

ଠାକୁରଗଡ଼ ଥାନା ବନ୍ଧୁଲ ଗ୍ରାମର ସୌମ୍ୟରଞ୍ଜନ ସାହୁଙ୍କୁ ପଡ଼ୋଶୀ ଧରଣୀଧର ସାହୁ, ବିଶ୍ୱରଞ୍ଜନ ସାହୁ ଆକ୍ରମଣ ସହ ହତ୍ୟା ଧମକ ଦେଇଥିବା ଥାନାରେ ଅଭିଯୋଗ ହୋଇଛି। ପୋଲିସ ନମ୍ବର ୧୯୪/୨୪ରେ ଏକ ମାମଲା ରୁଜୁ କରିଛି। ପୋଲିସ କହିଛି, ସୌମ୍ୟରଞ୍ଜନଙ୍କ ଜାଗାରେ ଧରଣୀଧର ଗାଡ଼ି ନେବା ଆଣିବା କରୁଥିବା ବେଳେ ପଡ଼ିଥିବା ସ୍ଲାପଟି କ୍ଷତିଗ୍ରସ୍ତ ହୋଇଥିଲା। ଏ ନେଇ ସୌମ୍ୟରଞ୍ଜନ କହିବାରୁ ତାଙ୍କୁ ଧରଣୀଧର ଓ ବିଶ୍ୱରଞ୍ଜନ ମାଡ଼ ମାରିଥିବା ଉଲ୍ଲେଖ କରାଯାଇଛି।

# ମା'ଙ୍କ ନିକଟରେ ହେଲା ନବାନ୍ନ ଲାଗି

ଛେଣ୍ଡିପଦା,୧୦।୯(ଅଜିତ ଧଳ)



ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ କଣଲୋଇ ଗ୍ରାମରେ ମଙ୍ଗଳବାର ମା' ପିତାବଳୀ ଠାକୁରାଣୀଙ୍କ ବାର୍ଷିକ ପୂଜା ସହ ନବାନ୍ନ ଲାଗି ହୋଇଥିଲା। ମା'ଙ୍କ ଯାତ୍ରାରେ ଆଖପାଖ ଅଞ୍ଚଳର ବହୁ ଶ୍ରଦ୍ଧାଳୁ ଯୋଗଦେଇଥିଲେ। ଗ୍ରାମ ସଭାପତି ଅନନ୍ତ ଚରଣ ମାଝୀ ଓ ସରପଞ୍ଚ ଜନ୍ମେଜୟ ମାଝୀଙ୍କ ତତ୍ତ୍ୱାବଧାନରେ ପ୍ରଥମେ ପୂଜକ ପ୍ରହ୍ଲାଦ ଦେହୁରୀ ପୂଜାର୍ଚ୍ଚନା କରିଥିଲେ। ଏହାପରେ ଆଲାମକୁ ଶୋଭାଯାତ୍ରାରେ ମା'ଙ୍କ ପୀଠସ୍ଥଳକୁ ନିଆଯାଇଥିଲା। ସେଠାରେ ପୂଜକ ପ୍ରହଲାଦ ମାଝୀ ଓ ଦିଆଣି ପବନା ମାଝୀଙ୍କ ଦ୍ୱାରା ପୂଜାପାଠ କରାଯାଇଥିଲା। ଏହାପରେ ମା'ଙ୍କ ନିକଟରେ ନବାନ୍ନ ଲାଗି କରାଯାଇଥିଲା। ବହୁ ସଂଖ୍ୟକ ଭକ୍ତ ମାନସିକ ପୂରଣ ପାଇଁ ଅଧିଆ ପଡିଥିଲେ। ଶିଶୁମାନଙ୍କ ମୁଣ୍ଡନ କରାଯାଇଥିଲା। ଗ୍ରାମବାସୀଙ୍କ ପକ୍ଷରୁ ପ୍ରସାଦ ସେବନ କରାଯାଇଥିଲା। ଗ୍ରାମ୍ୟ କମିଟି ସମ୍ପାଦକ ଧରଣୀଧର ମାଝୀ, ପଙ୍କଜ ମାଝୀ, ଶୁକ୍ରୁ ମାଝୀ, ଈଶ୍ୱର ମାଝୀ, ଶବର ମାଝୀ, ଅରୁଣ ମାଝୀ, ସୁଦାମ ମାଝୀ, କୁନୁ ମାଝୀ, ହେମନ୍ତ କୁମାର ସେଠୀ, କବିରାଜ ମାଝୀ, ବିନୋଦ ମାଝୀ, ଗୋପୀନାଥ ମାଝୀ, ସୁବାସ ମାଝୀ, ମିଲୁ ମାଝୀ, କିଶୋର ଚନ୍ଦ୍ର ମାଝୀଙ୍କ ସହଯୋଗରେ ପୂଜା କାର୍ଯ୍ୟ ସମ୍ପାଦନ ହୋଇଥିଲା। ଏହି ପୂଜାରେ ଆଖପାଖ ଅଞ୍ଚଳର ପ୍ରାୟ ୩ ହଜାରରୁ ଅଧିକ ଭକ୍ତଙ୍କ ସମାଗମ ହୋଇଥିଲା।

# ୨ ଅଜଗର, ୧ ନାଗ ଉଦ୍ଧାର




ଅନୁଗୋଳ,୧୦।୯ (ମାନସ ବିଶ୍ୱାଳ)

ଅନୁଗୋଳ ସଦର ବନାଞ୍ଚଳ ଅନ୍ତର୍ଗତ ବିଭିନ୍ନ ଅଞ୍ଚଳରୁ ମଙ୍ଗଳବାର ୨ଟି ଅଜଗର ଓ ଗୋଟିଏ ନାଗ ସାପ ଉଦ୍ଧାର କରାଯାଇ ନିକଟସ୍ଥ ଜଙ୍ଗଲରେ ଛାଡ଼ି ଦିଆଯାଇଛି। ପରଙ୍ଗ ଅଞ୍ଚଳରେ ଜଣେ ବ୍ୟକ୍ତିଙ୍କ ଘରେ ଏକ ଅଜଗର ପଶିଥିବା ଖବରପାଇ ସକାଳେ ସର୍ପମିତ୍ର ଆଦିତ୍ୟ ବେହେରା, ଚିନୁ ସାହୁ ଓ ସୁଦର୍ଶନ ପ୍ରଧାନ ପହଞ୍ଚି ସାପଟିକୁ ସୁରକ୍ଷିତ ଭାବେ ଉଦ୍ଧାର କରିଥିଲେ। ଉଦ୍ଧାର ଅଜଗରର ଲମ୍ୱ ପ୍ରାୟ ୬ ଫୁଟ ହେବ। ସେହିପରି ପୂର୍ବାହ୍ନ ସାଢ଼େ ୯ଟାରେ ଶରଧାପୁର ଗ୍ରାମରୁ ଏକ ୮ ଫୁଟ ଲମ୍ବର ଅଜଗର ଉଦ୍ଧାର କରାଯାଇଥିଲା। ଏହାପରେ ଖଲାରୀ ଅଞ୍ଚଳରୁ ଏକ ନାଗସାପ ଉଦ୍ଧାର କରାଯାଇଥିଲା। ୩ଟି ଯାକ ସାପକୁ ଅନୁଗୋଳ ରେଞ୍ଜର ହରମୋହନ ନାୟକଙ୍କ ଉପସ୍ଥିତିରେ ନିକଟସ୍ଥ ଜଙ୍ଗଲରେ ଛାଡ଼ି ଦିଆଯାଇଥିବା ଜଣାପଡ଼ିଛି।

# ପ୍ରବାସୀ ଶ୍ରମିକଙ୍କ ଅସୁବିଧା ଦୂର ଉପରେ ଗୁରୁତ୍ୱ

ଅନୁଗୋଳ,୧୦।୯ (ମାନସ ବିଶ୍ୱାଳ)




ଅନୁଗୋଳ ଜିଲା ଆଇନସେବା ପ୍ରାଧିକରଣ ଅଧ୍ୟକ୍ଷ ଦାମୋଦର ରଥଙ୍କ ନିର୍ଦ୍ଦେଶ କ୍ରମେ ପ୍ରାଧିକରଣ ତରଫରୁ ସ୍ଥାନୀୟ ଖଲାରୀ ପଞ୍ଚାୟତ କାର୍ଯ୍ୟାଳୟଠାରେ ପ୍ରବାସୀ ଶ୍ରମିକଙ୍କ ବିଭିନ୍ନ ଅସୁବିଧା ସମ୍ପର୍କିତ ଏକ ସଚେତନତା ଶିବିର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଜିଲା ଆଇନସେବା ପ୍ରାଧିକରଣ ସଚିବ କମଳାକାନ୍ତ ନାୟକ, ଅତିରିକ୍ତ ଜିଲା ଶ୍ରମ ଅଧିକାରୀ ଦେବପ୍ରସାଦ ମହାନ୍ତି, ସରପଞ୍ଚ ସସ୍ମିତା ଗଡ଼ନାୟକ ପ୍ରମୁଖ ଉପସ୍ଥିତ ରହି ପ୍ରବାସୀ ଶ୍ରମିକମାନଙ୍କ ବିଭିନ୍ନ ଅସୁବିଧା ଓ ତାହା କିପରି ଦୂରୀକରଣ ହୋଇପାରିବ ସେ ବିଷୟରେ ଆଲୋଚନା କରିଥିଲେ। ସମ୍ବିଧାନରେ ସାମାଜିକ ଏବଂ ଆର୍ଥିକ ସ୍ତରରେ ପଛୁଆ ଥିବା ବ୍ୟକ୍ତିଙ୍କୁ ମାଗଣାରେ ଆଇନ ସେବା ଯୋଗାଇ ଦେବାର ବ୍ୟବସ୍ଥା ରହିଛି। ଏହି ସୁବିଧା ଜାତୀୟ ରାଜ୍ୟ, ଜିଲା ଓ ତାଲୁକ ସ୍ତରରେ କାର୍ଯ୍ୟ କରୁଥିବା ଆଇନସେବା ପ୍ରାଧିକରଣ ଓ କମିଟିମାନଙ୍କ ଦ୍ୱାରା ଯୋଗାଇ ଦିଆଯାଇଥାଏ। ଏହାବ୍ୟତୀତ ଲୋକ ଅଦାଲତ, ମଧ୍ୟସ୍ଥତା ଓ ଆପୋସ ବୁଝାମଣା ପରି ବିକଳ୍ପ ବିବାଦ ସମାଧାନ ସୂତ୍ର ମାଧ୍ୟମରେ ବିଚାରାଧୀନ ଓ ପ୍ରାକ୍ ମକଦ୍ଦମାସ୍ତର ବିବାଦର ଆଶୁ, ସହଜ ଓ ସରଳ ସମାଧାନ କରାଯାଏ। ଅନୁଗୋଳ ଜିଲାରେ ଜନ ଉପଯୋଗୀ ସେବା ସମ୍ବନ୍ଧୀୟ ବିବାଦଗୁଡ଼ିକର ସମାଧାନ ଆପୋଷ ବୁଝାମଣା ଭିତ୍ତିରେ କରିବା ପାଇଁ ସ୍ଥାୟୀ ଲୋକ ଅଦାଲତ କାର୍ଯ୍ୟ କରୁଛି ବୋଲି ଅତିଥିମାନେ ସଚେତନ କରାଇଥିଲେ। କାର୍ଯ୍ୟକ୍ରମରେ ଜିଲା ଆଇନସେବା ପ୍ରାଧିକରଣ ଅନୁଗୋଳର ପାରାଲିଗାଲ ଭଲ୍ୟୁଣ୍ଟିୟରମାନଙ୍କ ସହ ଅଞ୍ଚଳବାସୀ ଉପସ୍ଥିତ ଥିଲେ। ଜିଲା ଆଇନସେବା ପ୍ରାଧିକରଣ ସଚିବ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଖାଦ୍ୟର ମାନ ବଜାୟ ରଖିବାକୁ ତାଗିଦ

ତାଳଚେର,୧୦।୯(ମନୋଜ ନନ୍ଦ)

ଗଣପର୍ବ ଗଣେଶ ପୂଜା ପାଇଁ ତାଳଚେର ସହରରେ ପଡ଼ିଥିବା ବିଭିନ୍ନ ଖାଦ୍ୟ ସାମଗ୍ରୀ ଦୋକାନରେ ମଙ୍ଗଳବାର ଖାଦ୍ୟ ସୁରକ୍ଷାର ମାନ ଯାଞ୍ଚ କରିଛନ୍ତି ଖାଦ୍ୟ ସୁରକ୍ଷା ଅଧିକାରୀ ସୁମିତ ସୌରଭ ପ୍ରଧାନ। ସ୍ଥାନୀୟ ବାଇପାସ ଛକ ଓ ପ୍ରଜାମଣ୍ଡଳ ଭବନ ପରିସରରେ ଥିବା ଦୋକାନଗୁଡ଼ିକରେ ଏହି ଯାଞ୍ଚ କରାଯାଇଥିଲା। ଏହି ଅବସରରେ ବାସୀ ଓ ରଙ୍ଗମିଶ୍ରିତ ଖାଦ୍ୟ ବିକ୍ରି କରୁଥିବା ଅଭିଯୋଗରେ ବ୍ୟବସାୟୀମାନଙ୍କ ଠାରୁ ୨୮ ଶହ ଟଙ୍କା ଜରିମାନା ଆଦାୟ କରାଯାଇଥିଲା। ଖାଦ୍ୟର ମାନ ଠିକ୍



ରଖିବାକୁ ସମ୍ପୃକ୍ତ ବ୍ୟବସାୟୀଙ୍କୁ ତାଗିଦ କରାଯାଇଥିଲା। ଖାଦ୍ୟସୁରକ୍ଷା ଅଧିକାରୀଙ୍କ ସହ ଅନ୍ୟ କର୍ମଚାରୀମାନେ ଏହିଯାଞ୍ଚ କରିଥିଲେ।

# ନୂତନ ଉପଜିଲାପାଳଙ୍କ ଯୋଗଦାନ

ତାଳଚେର,୧୦।୯ (ମନୋଜ ନନ୍ଦ)

ଅନୁଗୋଳ ଜିଲା ତାଳଚେରର ନୂତନ ଉପଜିଲାପାଳ ଭାବେ ସମୀର



କୁମାର ଜେନା (ଆଇଏଏସ୍) ମଙ୍ଗଳବାର ଯୋଗ ଦେଇଛନ୍ତି। ନୂତନ ଉପଜିଲାପାଳ କାର୍ଯ୍ୟରେ ଯୋଗ ଦେବା ପରେ ତାଙ୍କୁ କାର୍ଯ୍ୟାଳୟର ଅନ୍ୟ ଅଧିକାରୀ ଓ କର୍ମଚାରୀମାନେ ସ୍ୱାଗତ କରିଥିଲେ। ଏହି ଅବସରରେ ଉପଜିଲାପାଳ ଜେନା ଅଧିକାରୀ ଓ କର୍ମଚାରୀମାନଙ୍କ ସହିତ ଆଲୋଚନା କରିଥିଲେ। ଅପରାହ୍ନରେ ଉପଜିଲାପାଳ ଜିଲାପାଳଙ୍କୁ ଭେଟିବା ପାଇଁ ଅନୁଗୋଳ ଯାଇଥିଲେ। ଏଥିସହ ବିଦାୟୀ ଉପଜିଲାପାଳ ମନୋଜ କୁମାର ତ୍ରିପାଠୀଙ୍କୁ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା।

































